# NATIONAL NEWS BULLETIN (ODIA)

**27 May - 2024**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ଆସନ୍ତା ଗୁରୁବାର ସନ୍ଧ୍ୟାରେ ଶେଷହେବାକୁ ଥିବା ସପ୍ତମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଜୋର ଧରିଲା ପ୍ରଚାର ।

- ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କର ଆସନ୍ତାକାଲି ଓଡ଼ିଶା ଗସ୍ତ ।

- ରାଜକୋଟ ଗେମ୍ ଜୋନ୍ ଅଗ୍ନିକାଣ୍ଡ ଘଟଣାରେ ୨ ପୋଲିସ୍ ଅଧିକାରୀଙ୍କ ସମେତ ୭ଜଣ ନିଲମ୍ବିତ ।

- କଲ୍ୟାଣୀନଗର ସଡ଼କ ଦୁର୍ଘଟଣା ମାମଲାରେ ରକ୍ତ ପରୀକ୍ଷା ରିପୋର୍ଟକୁ ହେରଫେର କରିଥିବା ଅଭିଯୋଗରେ ୨ ଜଣ ଡାକ୍ତର ଗିରଫ ।

ଏବଂ

- ସାମୁଦ୍ରିକ ଝଡ଼ ରେମାଲ୍ ପ୍ରଭାବରେ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଲାଗିରହିଛି ବର୍ଷା ।

# କ୍ୟାମ୍ପେନ୍

ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ଗୁରୁବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷହେବାକୁ ଯାଉଛି । ବିଭିନ୍ନ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ପକ୍ଷରୁ ନିର୍ବାଚନୀ ର୍‍ୟାଲି ଓ ରୋଡ୍‌ଶୋ’ ଆୟୋଜନ କରାଯାଇ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଜୋରଦାର ଉଦ୍ୟମ ଜାରି ରହିଛି। ରାଜନୈତିକ ଦଳର ତୁଙ୍ଗନେତାମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶ ଗୁଡ଼ିକରେ ସମ୍ବୋଧନ କରିଛନ୍ତି ।

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଉତ୍ତରପ୍ରଦେଶର କୁଶୀନଗର, ସାଲେମପୁର ଏବଂ ଚନ୍ଦୌଲୀ ସଂସଦୀୟ କ୍ଷେତ୍ରରେ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପ୪ରେ ପ୍ରଚାର କରିଛନ୍ତି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରସାଦ ନଡ୍ଡା ବାରଣାସୀ ଠାରେ ଜନସାଧାରଣଙ୍କ ସହ ମତ ବିନିମୟ କରିଛନ୍ତି ।

ବରିଷ୍ଠ ବିଜେପି ନେତା ତଥା ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ  ଡକ୍ଟର ମୋହନ ଯାଦବ ପାଟନାର ମନେର୍ ଠାରେ ଏକ ନିର୍ବାଚନୀ ସଭାରେ ପାଟଳୀପୁତ୍ର ସଂସଦୀୟ କ୍ଷେତ୍ର ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଜେ.ଡି.ୟୁ ସଭାପତି ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନାଳନ୍ଦା ସଂସଦୀୟ କ୍ଷେତ୍ର ଅଞ୍ଚଳରେ ନିର୍ବାଚନୀ ସଭାକୁ ସମ୍ବୋଧନ କରିଛନ୍ତି ।

କଂଗ୍ରେସର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଆଜି ହିମାଚଳ ପ୍ରଦେଶର ଚମ୍ବା ଏବଂ ଶାହାପୁର ଠାରେ ଜନସମାବେଶରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ସେହିଭଳି କଂଗ୍ରେସ ନେତା ରାହୁଳ ଗାନ୍ଧୀ ଖୁସରପୁର

ଏବଂ ମନେର୍ ଠାରେ ନିର୍ବାଚନୀ ର୍‍ୟାଲିରେ ଯୋଗ ଦେବେ । ଆର୍.ଜେ.ଡ଼ି. ମୁଖ୍ୟ ତେଜସ୍ୱୀ ପ୍ରସାଦ ଯାଦବ ଜେହାନାବାଦ, ପାଟଳୀପୁତ୍ର ଏବଂ ଆରା ସଂସଦୀୟ କ୍ଷେତ୍ର ଅଞ୍ଚଳରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

## ପିଏମ୍-ଅନନ୍ତନାଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନନ୍ତନାଗ-ରାଜୌରୀ ଲୋକସଭା ନିର୍ବାଚନ ମଣ୍ଡଳୀରେ ବହୁସଂଖ୍ୟକ ମତଦାତାଙ୍କ ଯୋଗଦାନ ନେଇ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଏହା ପ୍ରତିପାଦନ କରୁଛି । ଅନନ୍ତନାଗ-ରାଜୌରୀ ସଂସଦୀୟ କ୍ଷେତ୍ରରେ ୫୪ ଦଶମିକ ୮/୪ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ଏହା ଗତ ୩୫ ବର୍ଷ ମଧ୍ୟରେ ସବୁଠାରୁ ଅଧିକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଥାଣେ-ଆକ୍ସିଡେଣ୍ଟ

ରକ୍ତ ପରୀକ୍ଷା ରିପୋର୍ଟକୁ ହେରଫେର କରିଥିବା ଅଭିଯୋଗରେ ପୁଣେ ପୁଲିସ୍ ସାଶୋଁ ହସ୍ପିଟାଲ୍‌ର ୨ଜଣ ଡାକ୍ତରଙ୍କୁ ଗିରଫ କରିଛି । କଲ୍ୟାଣୀନଗର ସଡ଼କ ଦୁର୍ଘଟଣା ମାମଲାରେ କଥିତ ନାବାଳକର  ରକ୍ତ ପରୀକ୍ଷା ରିପୋର୍ଟ ପରିବର୍ତ୍ତନ କରିଥିବା ନେଇ ଅଭିଯୋଗ ଏହି ଡାକ୍ତରଙ୍କ ବିରୁଦ୍ଧରେ ରହିଛି ବୋଲି ପୁଣେ ପୋଲିସ୍ କହିଛି । ସେହି ନାବାଳକ ଯୋଗୁଁ ସଂଗଠିତ  କାର୍ ଦୁର୍ଘଟଣାରେ ୨ଜଣ ଯୁବ ଇଂଜିନିୟରଙ୍କର ମୃତ୍ୟୁ ହୋଇଥିଲା । ନିଶାସକ୍ତ ଅବସ୍ଥାରେ ସେ ଗାଡ଼ି ଚଳାଉଥିବା ନେଇ

ଜଣାପଡ଼ିଥିଲା । କାର୍‌ର ଚାଳକ ସାବାଳକ କି ନୁହେଁ, ଜାଣିବା ପାଇଁ ତା'ର ରକ୍ତ ନମୁନାକୁ ସାଶୋଁ ହସ୍ପିଟାଲକୁ ପରୀକ୍ଷା ପାଇଁ ପଠାଯାଇଥିଲା, ଯେଉଁଥିରେ ହେରଫେର କରାଯାଇଛି ବୋଲି ପୋଲିସ୍ ପ୍ରାଥମିକ ତଦନ୍ତରୁ ଜାଣିପାରିଛି ।

# ଯୋଗ

ଆନ୍ତର୍ଜାତିକ ଯୋଗଦିବସ ପାଳନ ଅବ୍ୟବହିତ ପୂର୍ବରୁ ଗତକାଲି ଜେନେଭାସ୍ଥିତ ଜାତିସଂଘ କାର୍ଯ୍ୟାଳୟଠାରେ ଭାରତ ଏବଂ ଜାତିସଂଘର ମିଳିତ ଆନୁକୂଲ୍ୟରେ ଓ୍ୱାକ୍ ଦ ଟକ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରସ୍ ଅଧନମ୍ ଘେବ୍ରିସିୟସ୍ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଅପୂର୍ବା ଚନ୍ଦ୍ରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ ।

ସେହିଭଳି ବିହାରର ବିଶ୍ୱ ଐତିହ୍ୟ ସହର ବୋଧଗୟା ଠାରେ ମଧ୍ୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନୂଆଦିଲ୍ଲୀସ୍ଥିତ ମୋରାରଜୀ ଦେଶାଇ ଜାତୀୟ ଯୋଗ ସଂସ୍ଥା ଏବଂ ଆୟୁଷ ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ବୋଧଗୟାସ୍ଥିତ ମଗଧ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ସହ ସଂଶ୍ଳିଷ୍ଟ ବହୁ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ଯୋଗର ବିଭିନ୍ନ ସୁଫଳ ଉପରେ ମଧ୍ୟ ଏହି ଅବସରରେ ଆଲୋଚନା ହୋଇଥିଲା ।

# କେଜରିଓ୍ୱାଲ-ଏସ୍‌ସି

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ଜାତୀୟ ଆବାହକ ଅରବିନ୍ଦ କେଜରିଓ୍ୱାଲ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନ୍ତରୀଣ ବେଲ୍‌ର ସମୟସୀମାକୁ ଆଉ ୭ ଦିନ ବଢ଼ାଇବା ପାଇଁ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରିଛନ୍ତି । ସୂଚନାଯୋଗ୍ୟ ଅବକାରୀ ଦୁର୍ନୀତି ମାମଲାରେ ଜଡ଼ିତ ଅଭିଯୋଗରେ ଗିରଫ ହୋଇଥିବା ଶ୍ରୀ କେଜରିଓ୍ୱାଲଙ୍କୁ ସୁପ୍ରିମକୋର୍ଟ ଆସନ୍ତା ପହିଲା ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି । ଜୁନ୍ ୨ ତାରିଖ ଦିନ ସେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଇତିମଧ୍ୟରେ ଗତ ସପ୍ତାହରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଶ୍ରୀ କେଜରିଓ୍ୱାଲଙ୍କୁ ଜୁନ୍ ୨ ତାରିଖରୁ ୧୪ ଦିନ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ନେବା ପାଇଁ ଦିଲ୍ଲୀ କୋର୍ଟରେ ଏକ ପିଟିସନ ଦାଖଲ କରିଛି ।

# ଓଡ଼ିଶା କ୍ୟାମ୍ପେନ୍

ଦେଶର ସପ୍ତମ ତଥା ଓଡ଼ିଶାର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତା ପହିଲା ଦିନ ଓଡ଼ିଶାର ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ମତ ଗ୍ରହଣ କରାଯିବ । ଏହି ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ।

ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ଲୋକସଭା ଆସନ ଅନ୍ତର୍ଗତ ବରୁଆ ଠାରେ ନିର୍ବାଚନ ସଭାକୁ ସମ୍ବୋଧନ କରିଛନ୍ତି । ଏହି ଆସନ ପାଇଁ ଦୁଇଥର ସଂସଦକୁ ନିର୍ବାଚିତ ହୋଇଥିବା ତଥା ବିଜେପିର ଜାତୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଏବଂ ବିଜେଡ଼ିର ଅଂଶୁମାନ ମହାନ୍ତିଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ହେଉଛି । ସେହିଭଳି ବାଲେଶ୍ୱର ଲୋକସଭା ଆସନ ପାଇଁ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଜେଡ଼ିର ଲେଖାଶ୍ରୀ ସାମନ୍ତ ସିଂହାର ଏବଂ କଂଗ୍ରେସର ଶ୍ରୀକାନ୍ତ ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଛି । ଏହି ପର୍ଯ୍ୟାୟରେ ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏବଂ ବିଧାୟକ ମଧ୍ୟ ନିଜର ରାଜନୈତିକ ପରୀକ୍ଷା କରୁଛନ୍ତି ।

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓଡ଼ିଶାକୁ ନିର୍ବାଚନ ପ୍ରଚାରରେ ଆସିବା ଲାଗି କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଶ୍ରୀ ଶାହା ଆସନ୍ତାକାଲି ଚାନ୍ଦବାଲି, କୋରେଇ ଏବଂ ନିମାପଡ଼ା ଠାରେ ନିର୍ବାଚନୀ ସଭାଗୁଡ଼ିକରେ ଯୋଗଦେବେ । ଆସନ୍ତା ୨୯ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରିପଦା, ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ା ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିବେ ।

ସେହିଭଳି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଆସନ୍ତା ୨୯ ତାରିଖରେ ଏବଂ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆସନ୍ତା ୩୦ ତାରିଖରେ ଓଡ଼ିଶାକୁ ନିର୍ବାଚନ ପ୍ରଚାରରେ ଆସିବାର କାର୍ଯ୍ୟସୂଚୀ ରହିଛି ।

# ନେହରୁ ଟ୍ରିବ୍ୟୁଟ୍‌ସ

ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କର ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ପଣ୍ଡିତ ନେହେରୁଙ୍କର ସ୍ମୃତିଚାରଣ କରିଛନ୍ତି ।

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ, ଦଳର ବରିଷ୍ଠ ନେତା ସୋନିଆ ଗାନ୍ଧୀଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ନୂଆଦିଲ୍ଲୀସ୍ଥିତ ଶାନ୍ତିବନ ଠାରେ ପଣ୍ଡିତ ନେହେରୁଙ୍କ ସମାଧିସ୍ଥଳକୁ ଯାଇ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଖଡ୍‌ଗେ’ ପଣ୍ଡିତ ନେହେରୁଙ୍କର ଦେଶ ପ୍ରତି ରହିଥିବା ଅବଦାନର ଅବତାରଣ କରିଛନ୍ତି । ଆଧୁନିକ ଭାରତ ନିର୍ମାଣରେ ତାଙ୍କର ଭୂମିକାକୁ ମଧ୍ୟ ଶ୍ରୀ ଖଡଗେ ସ୍ମରଣ କରିଛନ୍ତି ।

# ସାମୁଦ୍ରିକ ଝଡ଼

ସାମୁଦ୍ରିକ ଝଡ଼ ‘ରେମାଲ୍’ ଗତ ରାତିରେ ପଶ୍ଚିମବଙ୍ଗର ସାଗର ଦ୍ୱୀପପୁଞ୍ଜ ଏବଂ ବାଙ୍ଗଲାଦେଶର ଖେପୁପାରା ଠାରେ ସ୍ଥଳଭାଗ ଛୁଇଁବା ପରେ ଦକ୍ଷିଣ ଏବଂ ଉତ୍ତର ଚବିଶ ପ୍ରଗଣାର ଉପକୂଳବର୍ତ୍ତୀ ଅଞ୍ଚଳରେ ପବନ ସହ ବର୍ଷା ଲାଗି ରହିଛି । ଗତକାଲି ପଶ୍ଚିମବଙ୍ଗର ଦକ୍ଷିଣ ଚବିଶପ୍ରଗଣା ଜିଲ୍ଲାର ମୌସୁନୀ ଦ୍ୱୀପରେ ଗଛପଡ଼ି ଜଣଙ୍କର ମୃତ୍ୟୁ ହୋଇଛି । ବଙ୍ଗୋପସାଗରରେ ମିଶିଥିବା ନଦୀଗୁଡ଼ିକରେ ଅଧିକ ମାତ୍ରାରେ ଜଳ ପ୍ରବାହିତ ହେଉଛି । ସୁନ୍ଦରବନ ଅଞ୍ଚଳରେ ଘଣ୍ଟା ପ୍ରତି

୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହ ବର୍ଷା ଲାଗିରହିଛି । ହାଓ୍ୱଡ଼ା-ଆମ୍ତା ଲୋକାଲ୍ ଟ୍ରେନ୍‌କୁ ବାତିଲ କରାଯାଇଥିବା ବେଳେ ବାର୍ଶାତ୍ ଏବଂ ହସନାବାଦ ଲାଇନ୍‌ରେ ଟ୍ରେନ୍ ଚଳାଚଳ ପୁନଃ ଆରମ୍ଭ ହୋଇଛି ।

ଗଣମାଧ୍ୟମକୁ ସୂଚନା ଦେଇ ଏନ୍.ଡି.ଆର୍.ଏଫ୍.ର ଉପ-ମହାନିର୍ଦ୍ଦେଶକ ମୋହସେନ୍ ସାହିଦ୍ କହିଛନ୍ତି ସାମୁଦ୍ରିକ ଝଡ଼ ରେମାଲ୍ ସ୍ଥଳଭାଗ ସ୍ପର୍ଶକରିବା ବେଳକୁ ପବନର ବେଗ ୧୧୦ରୁ ୧୨୦ କିଲୋମିଟର ପର୍ଯ୍ୟନ୍ତ ରହିଥିଲା । ବର୍ତ୍ତମାନ ଏହା ହ୍ରାସ ପାଇ ଘଣ୍ଟାପ୍ରତି ବେଗ ୬୦ରୁ ୭୦ କିଲୋମିଟର ପର୍ଯ୍ୟନ୍ତ ରହିଛି । କାନ୍ଥ ଭୁଶୁଡ଼ି ପଡ଼ିବାରୁ କୋଲକାତାରେ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି । ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ପଶ୍ଚିମବଙ୍ଗର ପ୍ରଭାବିତ ଅଞ୍ଚଳରେ ୧୪ଟି ଏନ୍.ଡି.ଆର୍.ଏଫ୍. ଦଳକୁ ନିୟୋଜିତ କରାଯାଇଛି । ଏଥିସହ ୬ଟି ଏସ୍.ଡି.ଆର୍.ଏଫ୍. ଦଳ ମଧ ନିୟୋଜିତ ଅଛନ୍ତି ବୋଲି ସେ କହିଛନ୍ତି ।

## ଗୁଜରାଟ-ରାଜକୋଟ୍ ଫାୟାର କେଶ୍

ଗୁଜରାଟ’ ରାଜକୋଟସ୍ଥିତ ଗେମ୍ ଜୋନ୍ ଅଗ୍ନିକାଣ୍ଡ ଘଟଣାରେ ୨ ଜଣ ପୋଲିସ୍ ଅଧିକାରୀଙ୍କ ସମେତ ୭ ଜଣଙ୍କୁ ସରକାର ନିଲମ୍ବନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍ ଏହି ନିଲବନ ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଛନ୍ତି। କାର୍ଯ୍ୟରେ ଅବହେଳା ଅଭିଯୋଗ ନେଇ ସେମାନଙ୍କ ବିରୁଦ୍ଧରେ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି । ଇତିମଧ୍ୟରେ  ଗୁଜରାଟ ହାଇକୋର୍ଟର ଜଷ୍ଟିସ୍ ବୀରେନ୍

ବୈଷ୍ଣବ ଏବଂ ଜଷ୍ଟିସ୍ ଦେବାନ୍ ଦେଶାଇଙ୍କୁ ନେଇ ଗଠିତ ଏହି ମାମଲାର ଶୁଣାଣି ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ ଗତ ଶନିବାର ସଂଗଠିତ ଏହି ଅଗ୍ନିକାଣ୍ଡ ଘଟଣାରେ ପାଖାପାଖି ୩୦ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । ଏହି ଘଟଣାର ତଦନ୍ତ ପାଇଁ ଅତିରିକ୍ତ ପୋଲିସ୍ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ୫ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ- ଏସ୍ଆଇଟି ଗଠନ କରାଯାଇଛି।